# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15 May – 2024**

## ନିର୍ବାଚନୀ ପ୍ରଚାର

ରାଜ୍ୟର ୪ଟି ଲୋକସଭା ଆସନ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡିକୁ ଛାଡିଦେଲେ ଅନ୍ୟ ସମସ୍ତ ସ୍ଥାନ ଗୁଡ଼ିକରେ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସୁଛନ୍ତି । ଏହି କ୍ରମରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆଜି ଓଡ଼ିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାରରେ ଯୋଗଦେବେ । ଶ୍ରୀ ଶାହା ଆଜି କଟକଠାରେ ଦଳପକ୍ଷରୁ ଆୟୋଜିତ ଏକ ରୋଡ୍ ଶୋ'ରେ ଭାଗନେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଭୁବନେଶ୍ୱରରେ ଦଳପକ୍ଷରୁ ଆୟୋଜନ ହେବାକୁ ଥିବା ଏକ କର୍ମଶାଳାରେ ଯୋଗଦେବା ସହିତ ଆସନ୍ତାକାଲି ବରଗଡ, ପଦ୍ମପୁର, ସୁନ୍ଦରଗଡଠାରେ ଦଳୀୟ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଓଡ଼ିଶା ଗସ୍ତରେ ଆସି ବଲାଙ୍ଗୀରଠାରେ ଏକ ଜନସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବେ । ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ମଧ୍ୟ କନ୍ଧମାଳ ଜିଲ୍ଲା ଏବଂ ଭୁବନେଶ୍ୱରଠାରେ ନିର୍ବାଚନୀ ସଭାରେ ଯୋଗଦେବେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅନୁଗୁଳ ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନର୍ବାଚନ ପ୍ରଚାର କରିବେ । ଶ୍ରୀ ପଟ୍ଟନାୟକ ଆସନ୍ତାକାଲି ଦଳୀୟ ବିଧାୟକମାନଙ୍କ ସହ ଭୁବନେଶ୍ୱରରେ ଏକ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

## ପ୍ରାର୍ଥିପତ୍ର ଯାଞ୍ଚ

ଦେଶର ସପ୍ତମ ତଥା ରାଜ୍ୟର ଚତୁର୍ଥ ଏବଂ ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଏବଂ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ଆସନ ପାଇଁ ଜୁନ୍ ମାସ ୧ ତାରିଖରେ ଭୋଟ୍‌ଗ୍ରହଣ ହେବ । ଗତକାଲି ଏଥିପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଥିବାବେଳେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ କରାଯାଇଛି ।

## ପୋଷ୍ଟାଲ ବାଲାଟ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦିବ୍ୟାଙ୍ଗ ଏବଂ ବୟୋଜ୍ୟେଷ୍ଠ ଭୋଟରମାନଙ୍କ ପାଇଁ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ଏବଂ ୮୫ ବର୍ଷରୁ ଅଧିକ ବୟସ ବୃଦ୍ଧ ଭୋଟରମାନଙ୍କ ପାଇଁ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ ନିଆଯାଉଛି । ସେହିଭଳି ରେଢ଼ାଖୋଲ ସବ୍‌ଡିଭିଜନରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କ ପାଖକୁ ଯାଇ ପୋଷ୍ଟାଲ ଭୋଟିଂ ପ୍ରକ୍ରିୟା ଦ୍ୱାରା ମତସଂଗ୍ରହ ଜାରି ରହିଛି ।

## ପ୍ରାର୍ଥୀ-ଅଭିଯୋଗ

କେତେକ ପ୍ରାର୍ଥୀ ଭୋଟରମାନଙ୍କ ଆଧାର ନମ୍ବର ଏବଂ ମୋବାଇଲ ନମ୍ବର ସଂଗ୍ରହ କରୁଥିବା ଅଭିଯୋଗ ଆସିବା ପରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଆୟୋଗଙ୍କ ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ପରିଚାଳନା ଏପରି କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି ଆୟୋଗ କହିଛନ୍ତି । ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଆୟୋଗଙ୍କ ପକ୍ଷରୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି । ଏହାସହିତ ଭୋଟରମାନେ ଆଧାର ନମ୍ବର କିମ୍ବା ମୋବାଇଲ ନମ୍ବର କୌଣସି ପ୍ରାର୍ଥୀଙ୍କୁ ନଦେବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

# ଯାଞ୍ଚ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୁନ୍ଦରଗଡ ଜିଲ୍ଲା ଗସ୍ତ କରି ନିର୍ବାଚନ ସମ୍ପର୍କିତ ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିଛନ୍ତି । ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଗାଭାଲି ପ୍ରସାଦ ହର୍ସଦ ଏବଂ ପ୍ରବର୍ତ୍ତନ ସଂସ୍ଥା ଗୁଡ଼ିକର ଅଧିକାରୀମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ନିର୍ବାଚନୀ ଖର୍ଚ୍ଚ, ନିର୍ବାଚନକୁ ଅବାଧ ଓ ମୁକ୍ତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସମେତ ଅନେକ ପ୍ରସଙ୍ଗ ଗୁଡ଼ିକ ଉପରେ ଗତକାଲି ଆଲୋଚନା କରିଥିଲେ ।

# ପରିବାର ଦିବସ

ପରିବାରର ଗୁରୁତ୍ୱ ଓ ସୁସ୍ଥ ସମାଜ ଗଠନ ଦିଗରେ ପରିବାରର ଭୂମିକା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ଲାଗି ଆଜି ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘ ପକ୍ଷରୁ ୧୯୯୪ ମସିହାରେ ସମାଜରେ ପରିବାରର ଗୁରୁତ୍ୱକୁ ଉପଲବ୍ଧି କରି ଆଜିର ଦିନକୁ ପରିବାର ଦିବସ ଭାବେ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ ଅନ୍ତର୍ଜାତୀୟ ପରିବାର ଦିବସର ବିଷୟ ରହିଛି 'ପରିବାର ଓ ଜଳବାୟୁ ପରିବର୍ତ୍ତନ' । ଜଳବାୟୁ ପରିବର୍ତ୍ତନର ପରିବାର ଉପରେ ପ୍ରଭାବ ଏବଂ ଏହାର ମୁକାବିଲା ଲାଗି ପରିବାର ପକ୍ଷରୁ

କେଉଁପ୍ରକାର ପଦକ୍ଷେପ ନିଆଯାଇପାରିବ ସେଥିନେଇ ଏହି ଦିବସରେ ବାର୍ତ୍ତା ପ୍ରଦାନ କରାଯାଉଛି ।

# ଖେଳକୁଦ ଦିବସ

ଖେଳକୁଦର ମହତ୍ୱକୁ ଦର୍ଶାଇବା ପାଇଁ ସମଗ୍ର ବିଶ୍ୱରେ ଆଜି ବିଶ୍ୱ ଆଥ୍‌ଲେଟିକ ଦିବସ ପାଳିତ ହେଉଛି । ଅନ୍ତର୍ଜାତୀୟ ସୌଖିନ ଆଥ୍‌ଲେଟିକ୍ ମହାସଂଘର ନିଷ୍ପତ୍ତି ଅନୁସାରେ ୧୯୯୬ ମସିହାରୁ ଆଜିର ଦିନକୁ ବିଶ୍ୱ ଆଥ୍‌ଲେଟିକ ଦିବସ ଭାବେ ପାଳନ କରାଯାଉଛି । ଯୁବଗୋଷ୍ଠୀ ଏବଂ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଖେଳକୁଦର ମହନୀୟତା ସମ୍ପର୍କରେ ସଚେତନ କରାଇବା ଲାଗି ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ନିଳାଦ୍ରୀ ମହୋଦୟ ନୀତି

ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆଜି ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟ ନୀତି ଅନୁଷ୍ଠିତ ହେବ। ସକାଳ ଧୂପ ପରେ ଆଲଟଲାଗି ନୀତି କରାଯାଇ ଗତକାଲିଠାରୁ ଅଧିବାସ ହୋଇ ରହିଥିବା ୧୦୮ ଗଡୁ ଜଳକୁ ସିଂହାସନ ନିକଟକୁ ଅଣାଯିବ। ପୂଜାପଣ୍ଡା ସେବକମାନେ ଏହି ଜଳ ଦ୍ୱାରା ମହାପ୍ରଭୁଙ୍କ ସମ୍ମୁଖରେ ଦର୍ପଣ ରଖି ମହାସ୍ନାନ ନୀତି ସମ୍ପନ୍ନ କରିବେ ବୋଲି ଜଣାପଡିଛି।

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ନିକୋବର ଦ୍ୱୀପ ଏବଂ ଦକ୍ଷିଣପୂର୍ବ ବଙ୍ଗୋପ ସାଗରରେ ଚଳିତ ସପ୍ତାହ ଶେଷଆଡକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସାଧାରଣଭାବେ ମଇ ମାସ ୨୨ ତାରିଖରେ ମୌସୁମୀ ଆଣ୍ଡାମାନ ଦ୍ୱୀପ ଛୁଇଁଥାଏ । ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଦୁଇଦିନ ପୂର୍ବରୁ ମୌସୁମୀ ଆଣ୍ଡାମାନ ଦ୍ୱୀପ ଛୁଇଁବ ବୋଲି ଆକଳନ କରାଯାଇଛି । ମୌସୁମୀବାୟୁ ଆସନ୍ତା ଜୁନ୍ ମାସ ୧ ତାରିଖରେ କେରଳ ଏବଂ ୧୦ ତାରିଖରେ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଅନ୍ୟପକ୍ଷରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଉଥିବାରୁ ଆସନ୍ତା ୧୭ରୁ ୨୩ ତାରିଖ ମଧ୍ୟରେ ଗଭୀର ଅବପାତର ରୂପ ନେବ ବୋଲି ପାଣିପାଗ ବିଜ୍ଞାନୀମାନେ ଅନୁମାନ କରିଛନ୍ତି । କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମପ୍ରବାହର ପ୍ରକୋପ ସାମାନ୍ୟ କମିଥିଲେ ମଧ୍ୟ ଆସନ୍ତା ଶୁକ୍ରବାରଠାରୁ ଦିନ ତାପମାତ୍ରା ୩ ଡିଗ୍ରୀରୁ ଅଧିକ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ କହିଛି ।